# Akashvani, Sambalpur

## SAMBALPURI NEWS EVENING BULLETIN

## 21 February 2025- 7.02 pm- 7.12 pm.

**********************************************

୧- ରାଷ୍ଟ୍ରନିର୍ମାଣ୍ ଲାଗି ବଳିଷ୍ଠ ନେତୃତ୍ୱର୍ ବିକାଶ୍ ଜରୁରୀ ଆଏ-କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଦେଶେ -ବିଦେଶୀ ଛାତ୍ରଛାତ୍ରୀଙ୍କର୍ ସୁରକ୍ଷା ଉପ୍‌ରେ ଦିଆଯାଉଛେ ଜୋର୍- ବୈଦେଶିକ୍ ବ୍ୟାପାର୍ ମନ୍ତ୍ରଣାଳୟର୍ ସୂଚ୍‌ନା ।

୩- ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ଆଏଜ୍‌ତକ୍ ସାଢ଼େ ୧୨ ଲାଖ୍ ହେଇଛନ୍ ପଞ୍ଜିକୃତ- ସୂଚ୍‌ନା ଦେଲେ ପଂଚାୟତିରାଜ୍ ମନ୍ତ୍ରୀ ।

ଆଉର୍

୪- ପୁର୍‌ଥି ନ ଭାଷା ଆର୍ ସାଂସ୍କୃତିକ ବିବିଧତାକେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ପାଳନ୍ କରାଯାଉଛେ ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ।

ସୋଲ୍ କନ୍‌କ୍ଲେଭ୍- ପ୍ରଧାନ୍‌ମନ୍ତ୍ରୀ ପି.ଆଇ.ବି.

ରାଷ୍ଟ୍ରନିର୍ମାଣ୍ ଲାଗି ସୁନାଗରିକ୍ ଗଠନ୍ ଆଉ ଫି’ କ୍ଷେତ୍ର ନ ବଳିଷ୍ଠ ନେତୃତ୍ୱର୍ ବିକାଶ୍ ଜରୁରୀ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଆଏଜ୍ ସ୍କୁଲ୍ ଅଫ୍ ଅଲ୍‌ଟିମେଟ୍ ଲିଡର୍‌ସିପ୍ କନ୍‌କ୍ଲେଭ୍- ସୋଲ୍- ୨୦୨୫ କେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ବିକଶିତ୍ ଭାରତ୍ ନିର୍ମାଣ୍ ଲାଗି ଫି’ କ୍ଷେତ୍ର ନ ନେତୃତ୍ୱକେ ତହଁକାବାର୍‌ଟା ହେଉଛେ ସୋଲ୍‌ର ଉଦ୍ଦେଶ୍ୟ । ଭାରତ୍ ଆଏଜ୍ ପୁର୍‌ଥିର୍ ଶକ୍ତିକେନ୍ଦ୍ର ଭାବେ ଉଭା ହେଇଛେ । ସୋଲ୍ - ବିଶ୍ୱ ନେତୃତ୍ୱ ଗଢ଼ି ପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ଦୁଇଦିନିଆ କନ୍‌କ୍ଲେଭ୍ କାର୍ଯ୍ୟକ୍ରମ୍‌ଥି ରାଜ୍‌ନୀତି, କ୍ରୀଡ଼ା, କଳା, ଗଣମାଧ୍ୟମ୍, ଆଧ୍ୟାତ୍ମିକ୍ ଦୁନିଆ ଆଉ ବ୍ୟବସାୟ ବାଗିର୍ ଭିନ୍ ଭିନ୍ କ୍ଷେତ୍ରର୍ ନେତା ମାନେ ସେମାନ୍‌କର୍ ପ୍ରେରଣାଦାୟୀ ଜୀବନ୍‌ଯାତ୍ରାର୍ ଅନୁଭୂତି ବାଂଟ୍‌ବେ ।

ନେପାଳୀ ଛାତ୍ରୀ ମୃତ୍ୟୁ- ବିଦେଶ୍ ମନ୍ତ୍ରଣାଳୟ ଏନ୍‌ଏସ୍‌ଡି

ଭୁବ୍‌ନେଶ୍ୱର ଘରୋଇ ବିଶ୍ୱବିଦ୍ୟାଳୟ ନ ନେପାଲୀ ଛାତ୍ରୀ ମୃତ୍ୟୁ ଘଟ୍‌ନାକେ ନେଇକରି ଆଏଜ୍ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରଣାଳୟ ମୁଖପାତ୍ର ରଣ୍‌ଧୀର୍ ଜୟସ୍ୱାଲ୍ କହିଛନ୍, ଦେଶେ ବିଦେଶୀ ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷାକେ ଅଏତ୍‌କା ଜୋର୍ ଦିଆଯାଉଛେ । ଘଟ୍‌ନା ଦିନ୍‌ଠାନୁ ମନ୍ତ୍ରଣାଳୟ ଓଡ଼ିଶା ସର୍‌କାର୍ ଆର୍ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷଙ୍କର୍ ସଙ୍ଗେ ଲଗାତାର୍ କଥାବାର୍ତା କରୁଛେ । ନେପାଲ୍ ସର୍‌କାର୍‌ଙ୍କର୍ ସାଙ୍ଗେ ଭିଲ୍ ଇ ବାବ୍‌ଦେ ଆଲୋଚନା କରିଛନ୍ । ଓଡ଼ିଶା ପୁଲିସ୍ ଘଟ୍‌ନାର୍ ମୁଖ୍ୟ ଅଭିଯୁକ୍ତ ସହେତେ ଆଉ କେତେ ଲୁକ୍‌କୁ ସେମାନ୍‌କର୍ ବିରୋଧ୍‌ଥି ମାମ୍‌ଲା ଚଲେଇଛେ ବଲି ଶ୍ରୀ ଜୟସ୍ୱାଲ୍ କହିଛନ୍ ।

ବିଧାନ୍‌ସଭା- ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସମୃଦ୍ଧ ଓଡ଼ିଶା ଗଢ଼୍‌ବାର୍ ଲାଗି ୮ ମାସ୍ ଆଘୋନୁ ଯାତ୍ରା ମୁଲ୍ କରାଯାଇଛେ ଆର୍ ଇଥିର୍‌ଲାଗି ୨୦୩୬ ମସିହାକେ ଲକ୍ଷ୍ୟ ଧାରିଜ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ୧୭ ନମ୍ବର୍ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ଆଏଜ୍ ଉପର୍‌ବେଲା ୨୦୨୫-୨୬ ବାର୍ଷିକ୍ ବଜେଟ୍ ଉପ୍‌ରେ ଆଲୋଚନାର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ

କହିଛନ୍ ଯେ, ବଜେଟ୍‌ଥି ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ୍ ଭିତିଭୂମି ନିର୍ମାଣ୍ ଆଉ କ୍ରୀଡ଼ା ବାଗିର୍ କ୍ଷେତ୍ର ଉପ୍‌ରେ ଜୋର୍ ଦିଆଯାଇଛେ । ଇ ବଜେଟ୍‌ଥି ୨ ଦଶ୍‌ମିକ୍ ୯୦ ଲାଖ୍ କୋଟି ଟଙ୍କା ଅଟ୍‌କଲ୍ କରାଯାଇଛେ । ଯେନ୍‌ଟା ଗଲାବଛର୍‌ଠାନୁ ୧୦ ପ୍ରତିଶତ୍ ଅଏତ୍‌କା ଆଏ । ସେ କହିଛନ୍ ଯେ, ଜାତୀୟ ରାଜ୍‌ପଥ୍ ପ୍ରାଧିକରଣ୍ ଢାଂଚାଥି ଓଡ଼ିଶା ରାଜ୍‌ପଥ୍ ପ୍ରାଧିକରଣ୍ ଗଠନ୍ କରାଯିବା । ରାଏଜେ ୨୦୨୯ ତକ୍ ୭୫ ହଜାର୍ କିଲୋମିଟର୍ ବିଶ୍ୱସ୍ତରୀୟ ସଡ଼କ୍ ତିଆର୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇତାର୍‌ଛଡ଼ା କୃଷି ଆଉ ଆନୁସଙ୍ଗିକ କ୍ଷେତ୍ରର୍ ବିକାଶ୍ ଲାଗି ୩୭ ହଜାର୍ ୮ ଶହ ୩୮ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ସୁଭଦ୍ରା ଯୋଜ୍‌ନା, ଚାଷୀମାନ୍‌କୁ ଇନ୍‌ପୁଟ୍ ସାହାଜ୍ ଦେବାର୍ ଲାଗି ଦିଆଯାଇଥିବା ପ୍ରତିଶ୍ରୁତି ପାଲନ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ଉତର୍ ରଖ୍‌ବାର୍ ବେଲ୍‌କେ ବିରୋଧୀ ବିଜେଡ଼ି ଆର୍ କଂଗ୍ରେସ୍ ବିଧାୟକ୍‌ମାନେ କିର୍ଲାଗଗା କରିକରି କକ୍ଷତ୍ୟାଗ କରିଥିଲେ ।

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ଆଏଜ୍ ସଖାଲ୍‌ବେଲା ପ୍ରଶ୍ନୋତର୍ ଆର୍ ଶୂନ୍ୟକାଲ୍ ସ୍ୱାଭାବିକ୍ ଥିଲା । ମୁଲ୍‌ତବୀ ପ୍ରସ୍ତାବ୍ ଆଲୋଚନାଥି ବିରୋଧୀ ଦଲର୍ ନେତା ତାରାପ୍ରସାଦ୍ ବାହିନୀପତି ସାମିଲ୍ ହେଇକରି ଭୁବ୍‌ନେଶ୍ୱର୍ ଘରୋଇ ବିଶ୍ୱବିଦ୍ୟାଲୟର୍ ଛାତ୍ରୀମୃତ୍ୟୁ ପ୍ରସଙ୍ଗ ଉଠେଇଥିଲେ । ଘଟ୍‌ନାଥି ସର୍‌କାର୍ ଦୋଷୀମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ବାଚସ୍ପତିଙ୍କର୍ ଠାନେ ଦାବି କରିଥିଲେ । ଶ୍ରୀ ବାହିନୀପତିଙ୍କର୍ ପ୍ରଶ୍ନର୍ ଉତର୍‌ଥି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଥିଲେ, ଘଟ୍‌ନାକେ ନେଇକରି ଗୁଟେ ଉଚ୍ଚାଦର୍‌ଜାର୍ ୩ ଝନିଆ କମିଟି ଗଠନ୍ କରାଯାଇଛେ ଆର୍ ତଦନ୍ତ୍ ଚାଲିଛେ । ବିଶ୍ୱବିଦ୍ୟାଲୟର୍ ପ୍ରତିଷ୍ଠାତାଙ୍କର୍ ସହେତେ କେତେଝନ୍‌କୁ ହାଜର୍ ହେବାର୍ ଲାଗି ସମନ୍ କରାଯାଇଛେ । ନେପାଲୀ ଛାତ୍ରଛାତ୍ରୀମାନ୍‌କୁ ବିଶ୍ୱବିଦ୍ୟାଲୟକେ ଫିରିଆଏବାର୍ ଲାଗି ମୁଖ୍ୟମନ୍ତ୍ରୀ ନିବେଦନ୍ ଭିଲ୍ କରିଛନ୍ ବଲି ଉଚ୍ଚଶିକ୍ଷାମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ                ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ଆଏଜ୍‌ତକ୍ ୧୨ ଲାଖ୍ ୫୦ ହଜାର୍ ଆବେଦନ୍‌କାରୀ ପଞ୍ଜିକୃତ ହେଇଛନ୍ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଲଯୋଗାଣ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, ଯୋଜ୍‌ନାଥି ଗୁଟେ ଗୁଟେ ବ୍ଲକ୍‌ନୁ ୪ ନୁ ୫ ହଜାର୍ ଲେଖା ହିତାଧିକାରୀ ଆବେଦନ୍ କରିଛନ୍ । ଗାଁଗହଲି ନ ପକ୍କା ନାଇଁଥିବା ଗରିବ୍ ପରିବାର୍‌ମାନ୍‌କୁ ଇ ଯୋଜ୍‌ନାଥି ପକ୍କା ଘର୍ ଦେବାର୍ ଲାଗି ଗଲାମାସ ୨୪ ତାରିଖ୍ ଠାନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ ଆଉ  ଇ ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବା । ହିତାଧିକାରୀମାନେ ଜଲ୍‌ଦି ଆବେଦନ୍ କରୁନ୍ ଆର୍ ସର୍‌କାରୀ ଯୋଜ୍‌ନାର୍ ଲାଭ୍ ଉଠଉନ୍ ବଲି  ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ବିଧାନ୍‌ସଭା-ପ୍ରଧାନ୍ ଶିକ୍ଷକ୍ ପଦ୍‌ବୀ       ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ୨ ହଜାର୍ ଶହେ ୫୮ ଟା ସର୍‌କାରୀ ହାଇସ୍କୁଲ୍‌କେ କାମଚଲା ପ୍ରଧାନ୍ ଶିକ୍ଷକ୍‌ମାନେ ଚଲଉଛନ୍ ବଲି ବିଧାନ୍‌ସଭା ନ ଆଏଜ୍ ଗୁଟେ ଅଣତାରକା ପ୍ରଶ୍ନର୍ ଉତର୍‌ଥି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ ।

ସେ କହିଛନ୍, ଓଡ଼ିଶା ହାଇକୋର୍ଟଙ୍କର୍ ଅନ୍ତରିଣ ରହିତାଦେଶ୍ ଲାଗି କେତେଟା ସ୍କୁଲ୍ ନ ପ୍ରଧାନ୍ ଶିକ୍ଷକ୍ ପଦ୍‌ବୀ ଏବ୍‌ତକ୍ ପୁରା କରାଯାଇନାଇଁପାରି । ସେନ୍ତା ୯୨ ଟା ସର୍‌କାରୀ ଉଚ୍ଚବିଦ୍ୟାଳୟ ନ ଓଇଏସ୍-୨ ପଦ୍‌ବୀ ଖାଲି ପଡ଼ିଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଆଦର୍ଶ ସ୍ନାତକ ମହାବିଦ୍ୟାଳୟ-ବିଧାନ୍‌ସଭା  ଭୁବ୍‌ନେଶ୍ୱର୍

ଦେବ୍‌ଗଡ୍, ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ମାଲ୍‌କାନ୍‌ଗିରି, ନବରଙ୍ଗ୍‌ପୁର୍, ନୟାଗଡ୍ ଆଉ ରାୟଗଡ଼ା ଜିଲ୍ଲା ନ ଗୁଟେ ଲେଖା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଖୁଲାଯାଇଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜ୍‌ନା ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ୍ - ରୁଷା - ୧ ଅଧୀନ୍‌ଥି ଇ ଜିଲ୍ଲାମାନ୍‌କୁ ଆଦର୍ଶ ସ୍ନାତକ ମହାବିଦ୍ୟାଳୟମାନ୍ ଖୁଲାଯାଇଛେ । ରାଜ୍ୟର୍ ଫି' ବିଧାନ୍‌ସଭା ମଣ୍ଡଳୀ ନ ଗୁଟେ ଲେଖା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଖୁଲ୍‌ବାର୍ ଲାଗି କେନ୍‌ସି ପ୍ରସ୍ତାବ୍ ନାଇଁନ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ ବିଧାନ୍‌ସଭା ନ ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି କହିଛନ୍ ।

ଆନ୍ତର୍ଜାତିକ୍ ମାତୃଭାଷା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତିକ୍ ମାତୃଭାଷା ଦିବସ୍ । ପୁର୍ଥି ନ ମାତୃଭାଷା ମାନ୍‌କେ ବଂଚାବାର୍ ଲାଗି ବାଂଲାଦେଶ୍‌ର ପ୍ରସ୍ତାବ୍‌କେ ୧୯୯୯ ମସିହାଥି ୟୁନେସ୍କୋ ଅନ୍ତର୍ଜାତୀୟ ମାତୃଭାଷା ଦିବସ୍‌କେ ସ୍ୱୀକୃତି ଦେଇଥିଲା ଆର୍ ସେଦିନୁ ମାତୃଭାଷାର୍ ସୁରକ୍ଷା ଆର୍ ପ୍ରସାର୍ ଲାଗି ଆଝିର୍ ଦିନ୍‌କେ ସାରା ପୁର୍ଥି ନ ମାତୃଭାଷା ଦିବସ୍ ଭାବେ ପାଲନ୍ କରାଯାଉଛେ । ଭାଷାବିତ୍ ମାନ୍‌କର୍ ଅନୁମାନ୍ ଅନ୍‌ସାରେ ପୁର୍ଥି ନ ପାଖାପାଖି ୭ ହଜାର୍ ଭାଷାଥି ଲୋକ୍‌ମାନେ କଥା ହେସନ୍ । ସେଭିତ୍‌ରୁ ବଡ଼୍‌ଭାଗୀ ଇହାଦେ ସଙ୍କଟାପନ୍ନ ଅବସ୍ଥାଥି ଅଛେ । ଇ ଶତାବ୍ଦୀର୍ ଶେଷ୍ ବେଲ୍‌କେ ପାଖାପାଖି ୧ ହଜାର୍ ୫ ଶହ ଭାଷା ଲୋପ୍ ପାଇଯିବା ବଲି ଆଶଙ୍କା କରାଯାଉଛେ । ଓଡ଼ିଶାର୍ ମାଣ୍ଡ, ପରଜୀ, ପେଙ୍ଗୋ ଭାଷା ଭିଲ୍ ଲୋପ୍ ପାଏବାର୍ ସମ୍ଭାବନା ରହିଛେ । ହେଥିର୍‌ଲାଗି ସର୍‌କାର୍ ଇ ବଛର୍‌ର ଆନ୍ତର୍ଜାତୀୟ ମାତୃଭାଷା ଦିବସ୍‌ର ବାର୍ତା ରଖିଛନ୍ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ୍‌ର ରୌପ୍ୟଜୟନ୍ତୀ ଉତ୍ସବ୍' ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ଉଧେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି କହିଛନ୍, ମାତୃଭାଷା ସାହିତ୍ୟକେ ସମୃଦ୍ଧ କର୍‌ବାର୍ ସହେତେ ଚିନ୍ତା, ଚେତନା

ଆର୍ ଭାବନା ପରିପ୍ରକାଶ୍ କର୍ବାର୍ ବଢ଼ିଆଁ ଜରିଆ ଆଏ । ମାତୃଭାଷା ଦିବସ୍ଥି ଓଡ଼ିଆ ଶବ୍ଦଭଣ୍ଡାର୍ ଆର୍ ସାହିତ୍ୟକେ ଆହୁରି ସମୃଦ୍ଧ କର୍ବାର୍ ଦିଗେ କାମ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଆହ୍ୱାନ୍ ଦେଇଛନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍

କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମିଶନ୍ ଶକ୍ତି ଆର୍‌ଏନ୍‌ୟୁ/ କଟକ୍

ମହିଲା ମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଆଏବା କାଏଲ୍‌ଠାନୁ ସୁଭଦ୍ରା ଶକ୍ତି ମେଳାର୍ ଶୁଭାରମ୍ଭ କର୍‌ବେ । ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତିମେଳା ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବାର୍ ବେଲେ କେତେଟା ଜିଲ୍ଲା ନ ଭିଲ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ଆଏବା ମାସର୍ ୨ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମେଳାଥି ରାଜ୍ୟର୍ ଭିନ୍ ଭିନ୍ ଇଲାକାର୍ ସ୍ୱୟଂ ସହାୟିକା ମହିଲା ଗୋଷ୍ଠୀ ଆଉ ଉତ୍ପାଦକ ଗୋଷ୍ଠୀମାନେ ଭିନ୍ ଭିନ୍ ସାମଗ୍ରୀ ପ୍ରଦର୍ଶନ୍ ଆର୍ ବିକ୍ରି କର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ମେଟ୍ରିକ୍ ପରୀକ୍ଷା

ଆର୍‌ଏନ୍‌ୟୁ/ସମ୍ବଲପୁର/ନୂଆପଡ଼ା/ବୌଦ୍ଧ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଇଛେ । ପହେଲା ଦିନ ଓଡ଼ିଆ ମାତୃଭାଷା ପରୀକ୍ଷା ହେଇଛେ । ଇ ବଛର୍ ୩୦ ଟା ଜିଲ୍ଲାର୍ ୩ ହଜାର୍ ୨୯ ଟା ପରୀକ୍ଷା କେନ୍ଦ୍ର ନ ୫ ଲାଖ୍ ୨୦ ହଜାର୍ ୬ ଶହ ୪୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ସେଥିର୍‌ଭିତ୍‌ରୁ ପଶ୍ଚିମ ଓଡ଼ିଶାର୍ ୯ ଟା ଜିଲ୍ଲାର୍ ୧ ଲାଖ୍ ୧୬ ହଜାର୍ ୮ ଶହ ୨୨ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦଉଛନ୍ ।

ନୂଆପଡ଼ା ଜିଲ୍ଲା ନ ୫୨ ଟା ପରୀକ୍ଷା କେନ୍ଦ୍ର ନ ୬ ହଜାର୍ ୫ ଶହ ୬୧  ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ଜିଲ୍ଲା ଶିକ୍ଷା ବିଭାଗ୍, ଜିଲ୍ଲା ପ୍ରଶାସନ୍ ଆଉ ମାଧ୍ୟମିକ ବୋର୍ଡ଼ ତର୍‌ଫୁ ୩ ଟା ସ୍କ୍ୱାଡ଼ ପରୀକ୍ଷା କେନ୍ଦ୍ରମାନ୍‌କେ ତଦାରଖ୍ କରିଛନ୍ ।

ସେନ୍ତା ବୌଦ୍ଧ ଜିଲ୍ଲାର୍ ୩୨ ଟା ପରୀକ୍ଷା କେନ୍ଦ୍ର ନ ୬ ହଜାର୍ ୪ ଶହ ୪ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ଶହେ ୨୫ ଝନ୍ ଛାତ୍ରଛାତ୍ରୀ ଅନୁପସ୍ଥିତ୍ ଥିଲେ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଅତିରିକ୍ତ ଜିଲ୍ଲାପାଳ୍, ଉପଜିଲ୍ଲାପାଳ୍ ଆଉ ଜିଲ୍ଲା ଶିକ୍ଷାଧିକାରୀ ଭିନ୍ ଭିନ୍ ପରୀକ୍ଷାକେନ୍ଦ୍ରମାନ୍ ବୁଲିକରି ତଦାରଖ୍ କରିଥିଲେ ।